# NATIONAL NEWS BULLETIN (ODIA)

## 14 October 2026

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ଘୋଷଣାପତ୍ର ସହିତ ବିମ୍‌ଷ୍ଟେକ୍ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବୈଠକ ଉଦ୍‌ଯାପିତ ।

– ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ନେଇ ଅଙ୍ଗୀକାରବଦ୍ଧତା ପ୍ରକାଶ କଲେ ସଦସ୍ୟ ରାଷ୍ଟ୍ର ।

- ବିହାରରେ ଡଙ୍ଗାବୁଡ଼ି ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ।
- ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ସଠିକ୍ ମାର୍ଗରେ ଅଗ୍ରସର ହେଉଛି ଏବଂ ଖୁବ୍ ଶୀଘ୍ର ଶେଷ ହେବ, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ବୃହତ୍ତର ଭାରତ ଆନ୍ତର୍ଜାତିକ ସମ୍ମିଳନୀ ।

ଏବଂ

- ହାଇଦ୍ରାବାଦ୍‌ଠାରେ ଆଜି ଖେଳାଯିବ ଭାରତ-ୱେଷ୍ଟଇଣ୍ଡିଜ୍ ଚତୁର୍ଥ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ।

# ବିମ୍‌ଷ୍ଟେକ୍-ଦିଲ୍ଲୀ ଡିକ୍ଲାରେସନ୍

ଦିଲ୍ଲୀ ଘୋଷଣା ପତ୍ର ସହିତ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରଥମ ବିମ୍‌ଷ୍ଟେକ୍ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବୈଠକ ଉଦ୍‌ଯାପିତ ହୋଇଛି । ସୀମାପାର ଓ ସମସ୍ତ ଆତଙ୍କବାଦ କାର୍ଯ୍ୟକୁ ଘୋଷଣା ପତ୍ରରେ ଦୃଢ଼ ନିନ୍ଦା କରାଯାଇଛି । ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରତିହତ ଓ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ନେଇ ଘୋଷଣାପତ୍ରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହମତି ପ୍ରକାଶ କରିଛନ୍ତି । ଏଥିସହ ସୁରକ୍ଷିତ, ସ୍ଥିର, ବିକଶିତ ଓ ସମୃଦ୍ଧ ସମ୍ମିଳିତ ବିମ୍‌ଷ୍ଟେକ୍ କ୍ଷେତ୍ରକୁ ସାକାର କରିବା ଲକ୍ଷ୍ୟ ନେଇ ଆଞ୍ଚଳିକ ସହଯୋଗ ସୁଦୃଢ଼ କରିବା ନେଇ ସଦସ୍ୟ ରାଷ୍ଟ୍ର ସେମାନଙ୍କର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି ।

ଆତଙ୍କବାଦକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ କାର୍ଯ୍ୟକାରି ରହିଥିବା ଘରୋଇ ତଥା ଆନ୍ତର୍ଜାତିକ ଆଇନ୍ ଆଧାରରେ ପ୍ରଭାବିତଙ୍କୁ ନ୍ୟାୟ ପ୍ରଦାନ କରିବା ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବେଆଇନ୍ ମାନବ ଚାଲାଣ, ନିଶା କାରବାର ଏବଂ ଅବୈଧ ଆର୍ଥିକ କାର୍ଯ୍ୟକଳାପକୁ ପ୍ରଭାବଶାଳୀ ଢଙ୍ଗରେ ପ୍ରତିହତ କରିବା ନେଇ ସହଯୋଗ ବୃଦ୍ଧି କରିବାକୁ ଘୋଷଣାପତ୍ରରେ ସହମତି ପ୍ରକାଶ ପାଇଛି । ଅପରାଧିକ ମାମଲାଗୁଡ଼ିକରେ ପାରସ୍ପରିକ ଆଇନଗତ ସହାୟତା ନେଇ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି । ସାର୍ବଭୌମତ୍ୱ, କ୍ଷେତ୍ରୀୟ ଅଖଣ୍ଡତା, ରାଜନୈତିକ ସ୍ୱାଧୀନତା, ଆଭ୍ୟନ୍ତରୀଣ ବ୍ୟାପାରର ହସ୍ତକ୍ଷେପ ନ କରିବା ପାରସ୍ପରିକ ସମ୍ମାନ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଉପରେ ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହମତି ପ୍ରକାଶ କରିଛନ୍ତି ।

# ପ୍ରେଜ୍-ଆନ୍ଧ୍ରପ୍ରଦେଶ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇ ଦିନିଆ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ବିଜୟୱାଡ଼ାଠାରେ ପହଞ୍ଚି ସନ୍ଧ୍ୟାରେ ଶ୍ରୀ କନକଦୁର୍ଗା ମନ୍ଦିର ପରିଦର୍ଶନ କରିବେ । ବିଜୟୱାଡ଼ାଠାରେ ଆସନ୍ତାକାଲି ରାଷ୍ଟ୍ରପତି ଜାତୀୟ ସାରସମେଳା ୨୦୨୬ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ମିଳିତ ସହଯୋଗରେ ଏହି ମେଳାର ଆୟୋଜନ କରାଯାଇଛି । ଏଥିରେ ୩୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀର ଦେଢ଼ ହଜାରରୁ ଅଧିକ ମହିଳା ଅଂଶଗ୍ରହଣ କରି ଗ୍ରାମୀଣ ଉତ୍ପାଦ, ପାରମ୍ପରିକ ହସ୍ତଶିଳ୍ପ ଓ ଆଞ୍ଚଳିକ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିବେ ।

# ବିହାର-ବୋଟ୍ ଟ୍ରାଜେଡି

ବିହାରର ବୈଶାଳୀ ଜିଲ୍ଲା ଅନ୍ତର୍ଗତ ରାଘୋପୁର ଦିଆରା ଅଞ୍ଚଳରେ ଏକ ଡଙ୍ଗା ବୁଡ଼ିଯିବାରୁ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ବୈଶାଳୀ ଜିଲ୍ଲା ମାଜିଷ୍ଟ୍ରେଟ୍ ବର୍ଷା ସିଂହ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗତ ରାତିରେ ଡଙ୍ଗାଟି ବୁଡ଼ି ଯାଇଥିଲା । ମୃତକଙ୍କ ମଧ୍ୟରେ ଅଧିକାଂଶ ନାବାଳ ଥିବା ଜଣାପଡ଼ିଛି । ଏକ ଭୋଜିରେ ଯୋଗଦେବା ପାଇଁ ଡଙ୍ଗାରେ ପାଖାପାଖି ୨୦ ଜଣ ଯାତ୍ରା କରୁଥିଲେ । ସେଥିରୁ ଉଦ୍ଧାର କରାଯାଇଥିବା ୭ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଏହି ଘଟଣାରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ଘଟଣା ପାଇଁ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ଜୟଶଙ୍କର-ଇଣ୍ଡିଆ-ୟୁଏସ୍

ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ସଠିକ୍ ମାର୍ଗରେ ଅଗ୍ରସର ହେଉଛି ଏବଂ ଏହା ଖୁବ୍ ଶୀଘ୍ର ଶେଷ ହେବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ନୂଆଦିଲ୍ଲୀରେ ବ୍ଲୁମ୍‌ବର୍ଗ ନୂତନ ଅର୍ଥନୀତି ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ଦେଶର ବାଣିଜ୍ୟ ମନ୍ତ୍ରୀ ଏହା ଉପରେ କାର୍ଯ୍ୟ କରିବା ସହ ଆଲୋଚନା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ।

ଶ୍ରୀ ଜୟଶଙ୍କର କହିଛନ୍ତି, ଆନ୍ତର୍ଜାତିକ କ୍ଷେତ୍ରରେ ଆମେରିକା ନିଜକୁ ପୁନଃ ପରିପ୍ରକାଶ କରିବା ସହ ପ୍ରତ୍ୟେକ ଦେଶ ଏହା ସହ ସମ୍ପୃକ୍ତ ହେବା ଉପରେ ଗୁରୁତ୍ୱ ଦେଇଛନ୍ତି । ଭାରତ-ଆମେରିକା ମଧ୍ୟରେ ଦୃଢ଼ ରଣନୈତିକ ସହଭାଗିତା ରହିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଚୀନ୍ ସମ୍ପର୍କରେ ଆଲୋକପାତ କରି ଡକ୍ଟର ଜୟଶଙ୍କର ସୀମାନ୍ତ ଅଞ୍ଚଳରେ ଶାନ୍ତିରକ୍ଷା ଦ୍ୱିପାକ୍ଷିକ ସମ୍ପର୍କର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେବ ବୋଲି କହିଛନ୍ତି । ସେଠାରେ ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ରୁଷ ସହ ସମ୍ପର୍କ ଉପରେ ଗୁରୁତ୍ୱ ପ୍ରଦାନ କରି ଡକ୍ଟର ଜୟଶଙ୍କର ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି ।

# ବୃହତ୍ତର ଭାରତ

ନୂଆଦିଲ୍ଲୀରେ ଆଜିଠାରୁ ବୃହତ୍ତର ଭାରତ ଆନ୍ତର୍ଜାତିକ ସମ୍ମିଳନୀ ଆରମ୍ଭ ହେଉଛି । ‘ବିଶ୍ୱବ୍ୟାପି ଭାରତର ସାଂସ୍କୃତିକ ସଂଯୋଗ’ ଶୀର୍ଷକ ଏହି ସମ୍ମିଳନୀ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି । ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ୫୦ଟି ଦେଶର ପ୍ରତିନିଧି, ରାଷ୍ଟ୍ରଦୂତ ତଥା ସଂସ୍କୃତି କ୍ଷେତ୍ରର ବିଶେଷଜ୍ଞ ଅଂଶଗ୍ରହଣ କରିବେ । ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଭାରତର ଐତିହାସିକ ଏବଂ

ସମସାମୟିକ ସାଂସ୍କୃତିକ ସଂଯୋଗ ଉପରେ ବୈଠକରେ ଆଲୋଚନା ବୈଠକମାନ ଅନୁଷ୍ଠିତ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସ୍ୱତନ୍ତ୍ର ଭିଡ଼ିଓବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରିବେ । ଚୀନ୍, ଜାପାନ, ମଙ୍ଗୋଲିଆ, ନେପାଳ ଓ ଇରାନ୍ ସମେତ ବିଭିନ୍ନ ଦେଶର ପ୍ରତିନିଧି ବୈଠକରେ ଯୋଗଦେଇ ସହଭାଗି ସାଂସ୍କୃତିକ ଐତିହ୍ୟ ଏବଂ ଆଦାନପ୍ରଦାନ ଉପରେ ମତବିନିମୟ କରିବେ । ଗ୍ରେଟର ଇଣ୍ଡିଆ ସୋସାଇଟିର ଶତବାର୍ଷିକୀ ପାଳନ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ସୋସାଇଟି ବୃହତ୍ତର ଭାରତ ପରିଷଦ ନାମରେ ମଧ୍ୟ ପରିଚିତ । ୧୯୨୬ ଅକ୍ଟୋବର ୧୪ ତାରିଖରେ କୋଲକାତାଠାରେ ପ୍ରତିଷ୍ଠିତ ଏହି ସୋସାଇଟିର  ଗୁରୁ ରବିନ୍ଦ୍ରନାଥ ଟାଗୋର ଆଧ୍ୟାତ୍ମିକ ମାର୍ଗଦର୍ଶକ ରହିଥିଲେ । ସମ୍ମିଳନୀ ଅବସରରେ ଏସିଆର ସାର୍ବଜନୀନ ସାଂସ୍କୃତିକ ଐତିହ୍ୟ ଶୀର୍ଷକ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଛି ।

## ଶ୍ରମ ଆଇନ୍

ଦେଶରେ ଶ୍ରମ କ୍ଷେତ୍ରରେ ରହିଥିବା ଆଇନ୍‌ଗୁଡ଼ିକର କାର୍ଯ୍ୟକାରିତାକୁ ଅଧିକ ସହଜ ଓ ସରଳ କରିବା ଲକ୍ଷ୍ୟ ନେଇ ସରକାର ଚାରୋଟି ଶ୍ରମ ସଂହିତା କାର୍ଯ୍ୟକାରି କରିଛନ୍ତି । ୨୯ଟି ପୃଥକ ଶ୍ରମ ଆଇନ୍‌କୁ ଏକୀକୃତ କରାଯାଇ ଏହି ସଂହିତା ପ୍ରସ୍ତୁତ ହୋଇଛି । ଗତ ବର୍ଷ ନଭେମ୍ବର ୨୧ ତାରିଖରେ ଏହାକୁ ଦେଶବ୍ୟାପି କାର୍ଯ୍ୟକାରି କରାଯାଇଛି ।

ପୂର୍ବରୁ ରହିଥିବା ପଞ୍ଜିକରଣ, ରିଟର୍ଣ୍ଣ ଦାଖଲ, ତଦାରଖ ଆଦି ବିଭିନ୍ନ ବ୍ୟବସ୍ଥା ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଏକ କାର୍ଯ୍ୟ ଭାର ସୃଷ୍ଟି କରୁଥିବା ବେଳେ ଶ୍ରମ ସଂହିତା ଏହାକୁ ବହୁପରିମାଣରେ ଲାଘବ କରିପାରିଛି । ସରଳୀକୃତ ଫର୍ମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅନୁପାଳନକୁ ସହଜ କରିଛି । ଶ୍ରମ କ୍ଷେତ୍ରରେ ସୁରକ୍ଷାକୁ ମଧ୍ୟ ଏହା ଅଧିକ ବ୍ୟାପକ କରିଛି ।

ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ଏକ ବୈଧାନିକ ଅଧିକାର ଭାବେ ସ୍ୱୀକୃତି ପାଇଥିବା ବେଳେ ପ୍ରଥମଥର ପାଇଁ ଗିଗ୍ ଓ ପ୍ଲାଟ୍‌ଫର୍ମ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା କ୍ଷେତ୍ର ମଧ୍ୟରେ ସାମିଲ କରାଯାଇଛି । ଏ କ୍ଷେତ୍ରରେ ୨୦୧୫ ମସିହାରେ ପ୍ରାୟ ୧୯ ପ୍ରତିଶତ କର୍ମଚାରୀ ରହିଥିବା ବେଳେ ୨୦୨୫ରେ ୬୪ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ସଂସ୍କାର ମୂଳକ ପଦକ୍ଷେପ ନିଯୁକ୍ତିଦାତା ଓ କର୍ମଚାରୀଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିଥିବାବେଳେ ଶ୍ରମ କ୍ଷେତ୍ର ତ୍ୱରାନ୍ୱିତ ହୋଇଛି ।

## ସେବା ସଂକଳ୍ପ-ଧୋଲେରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ

ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଧୋଲେରା'ର ବିକାଶ ଏବଂ ସେଠାରେ ନିବେଶ କ୍ଷେତ୍ରର ଅଭିବୃଦ୍ଧି ଉପରେ ସୂଚନା ପ୍ରଦାନ କରୁଛୁ ।

ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ପ୍ରଥମେ ସହର ବୃଦ୍ଧି ପାଇବା ସହ ଏଥିରେ ଆନୁସଙ୍ଗିକ ବ୍ୟବସ୍ଥା ଜଡ଼ିତ ହୋଇଥାଏ । ତେବେ ଧୋଲେରା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ସାହସୀକ ଦୃଷ୍ଟିକୋଣର ପ୍ରତିଫଳନ । ଖମ୍ବାଟ ଉପସାଗରରେ ଏହା ହେଉଛି ଏକ ସମ୍ପୂର୍ଣ୍ଣ ସ୍ମାର୍ଟ୍‌ସିଟି, ଯେଉଁଠାରେ ଜମି ବିକ୍ରି ପୂର୍ବରୁ ସଡ଼କ ଯୋଗାଯୋଗ, ପାନୀୟଜଳ, ବିଦ୍ୟୁତ୍ ଓ ଇଣ୍ଟରନେଟ୍‌ର ବ୍ୟବସ୍ଥା କରାଯାଇଥାଏ । ଭାରତର ପ୍ରଥମ ସେମିକଣ୍ଡକ୍ଟର ଫେବ୍ରିକେସନ୍ କାରାଖାନା ମଧ୍ୟ ସେଠାରେ ପ୍ରତିଷ୍ଠା କରାଯାଉଛି । ଏକ ଆଧୁନିକ ଉତ୍ପାଦନ କେନ୍ଦ୍ର ଭାବେ ଧୋଲେରାକୁ ଦ୍ରୁତ ଅଭିବୃଦ୍ଧିର କ୍ଷେତ୍ର ଭାବେ ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଉପକୂଳ କ୍ଷେତ୍ରରୁ ଭାରତର ଉଚ୍ଚ ପ୍ରଯୁକ୍ତି ସାମଗ୍ରୀ ଉତ୍ପାଦନ ଅଞ୍ଚଳ ଭାବେ ଭବିଷ୍ୟତରେ ପରିଗଣିତ ହେବା ପାଇଁ ଏହା ହେଉଛି ଦୂରଦୃଷ୍ଟି ସମ୍ପନ୍ନ ଯୋଜନା । ବିକଶିତ ଭାରତ ଗଠନ ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ଟ୍ରମ୍ପ-ହାଉଥି

ସାଉଦିଆରବ ଉପରେ ଆକ୍ରମଣ ନେଇ ୟେମେନ୍‌ର ହୁତି ବିଦ୍ରୋହୀ ଗୋଷ୍ଠୀଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି । ଏଥିରେ ତୁର୍କୀ ରାଷ୍ଟ୍ରପତି ରେସେଦ୍ ତାଇପ୍ ଏର୍ଦ୍ଦୋଗାନ୍‌ଙ୍କୁ ସାମିଲ କରିବାକୁ ଶ୍ରୀ ଟ୍ରମ୍ପ୍ ଇଚ୍ଛା ପ୍ରକାଶ କରିଛନ୍ତି । ତେବେ ହାଉଥି ବିଦ୍ରୋହୀ ଗୋଷ୍ଠୀଙ୍କ ବିରୁଦ୍ଧରେ ଆମେରିକା ପଦକ୍ଷେପ ଗ୍ରହଣ କରିବ କି ନାହିଁ ସେ ସମ୍ପର୍କରେ ଶ୍ରୀ ଟ୍ରମ୍ପ୍ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି । ଇରାନ୍‌କୁ ଏକ ବିଫଳ ଦେଶ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ ବର୍ଣ୍ଣନା କରିବା ସହ ଖୁବ୍ ଶୀଘ୍ର ଏ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

# କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ପୁରୁଷବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ଖେଳାଯିବ । ହାଇଦ୍ରାବାଦଠାରେ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ପାଞ୍ଚଟିକିଆ ସିରିଜ୍‌ରେ ଭାରତ ଏ ପର୍ଯ୍ୟନ୍ତ ୨-୧ରେ ଆଗୁଆ ରହିଛି ।